# NATIONAL NEWS BULLETIN (ODIA)
## 12th January - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ଯୁବଶକ୍ତି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବ; ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନାରେ ଯୋଗଦେଇ କହିଲେ ପ୍ରଧାନମନ୍ତ୍ରୀ ।

— ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଆଜି ସମଗ୍ର ଦେଶରେ ପାଳିତ ।

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଜମ୍ମୁ-କାଶ୍ମୀର ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପର କରିବେ ଉଦ୍‌ଘାଟନ ।
- ପ୍ରୟାଗରାଜଠାରେ ଆସନ୍ତାକାଲି ଅମୃତସ୍ନାନ ସହ ଆରମ୍ଭ ହେବ ମହାକୁମ୍ଭ ମେଳା ।

— କଳା, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ସଙ୍ଗମ ହେଉଛି ମହାକୁମ୍ଭ; କଳାଗ୍ରାମକୁ ଆଜି ଉଦ୍‌ଘାଟନ କରି କହିଲେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ।

ଏବଂ

- ଭାରତ-ଆୟାର୍ଲାଣ୍ଡ ମହିଳା ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍‌ର ଆଜି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୧୧୬ ରନ୍‌ରେ ବିଜୟୀ ।

# ପି.ଏମ୍. - ୟଙ୍ଗ ଲିଡ଼ର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଯୁବଶକ୍ତି ଖୁବ୍ ଶୀଘ୍ର ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବ । ଜାତୀୟ ଯୁବ ଦିବସ ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା-୨୦୨୫ରେ ଯୋଗଦେଇ ଶ୍ରୀ ମୋଦି କହିଛନ୍ତି, ଭାରତର ଯୁବଶକ୍ତି ଉଲ୍ଲେଖନୀୟ ପରିବର୍ତ୍ତନ ଆଣୁଛି । ସେ କହିଛନ୍ତି, ନୂଆପିଢ଼ି ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଏବଂ ସମସ୍ତ ସମସ୍ୟାର ସମାଧାନ କରିବାରେ ଯୁବପିଢ଼ିର ସାମର୍ଥ୍ୟ ରହିଛି । ଶ୍ରୀ ମୋଦି କହିଛନ୍ତି, ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟରେ ଉପନୀତ ହେବାକୁ ହେଲେ ନାଗରିକମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି । ଆଗାମୀ

ଦିନରେ ଭାରତ ବିଭିନ୍ନ କ୍ଷେତ୍ରରେ ଲକ୍ଷ୍ୟ ସାଧନ କରିପାରିବ ବୋଲି ସେ କହିଛନ୍ତି ।

ଅର୍ଥନୈତିକ, ରଣନୀତିକ, ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ସଶକ୍ତ ହୋଇଥିବା ରାଷ୍ଟ୍ର ବିକଶିତ ରାଷ୍ଟ୍ରର ମାନ୍ୟତା ହାସଲ କରିଥାଏ ବୋଲି ଶ୍ରୀ ମୋଦି କହିଛନ୍ତି । ଗତ ଦଶନ୍ଧିରେ ୨୫ କୋଟି ଲୋକ ଦାରିଦ୍ର୍ୟମୁକ୍ତ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦି କହିଛନ୍ତି, ଭାରତର ଅର୍ଥନୀତି ଅଭିବୃଦ୍ଧି ହେବ ଏବଂ ରୋଜଗାର ଓ ଶିକ୍ଷା ହାସଲ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହେବ । ଭାରତ ଦ୍ରୁତଗତିରେ ୫ ଟ୍ରିଲିୟନ୍ ଅର୍ଥନୀତି ଦିଗକୁ ଅଗ୍ରସର ହେଉଛି । ଆଗାମୀ ଦଶନ୍ଧିର ଶେଷ ପର୍ଯ୍ୟାୟ ଆଡ଼କୁ ଭାରତର ଅର୍ଥନୀତି ୧୦ ଟ୍ରିଲିୟନ୍ ଡଲାର ମାଇଲଖୁଣ୍ଟ ଅତିକ୍ରମ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ସମଗ୍ର ରାଷ୍ଟ୍ର ଆଜି ସ୍ୱାମୀ ବିବେକାନନ୍ଦ ଜୟନ୍ତୀକୁ ସ୍ମରଣ କରୁଛି । ସ୍ୱାମୀ ବିବେକାନନ୍ଦଙ୍କର ଦେଶର ଯୁବବର୍ଗଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ରହିଥିଲା । ଯୁବବର୍ଗ ବିକଶିତ ରାଷ୍ଟ୍ରର ସ୍ୱପ୍ନକୁ ନିଶ୍ଚିତ ଭାବରେ ପୂରଣ କରିବେ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଚନ୍ଦ୍ରଯାନର ସଫଳତା ପରେ ବର୍ତ୍ତମାନ ଗଗନଯାନର ପ୍ରସ୍ତୁତି ଚାଲିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ୨୦୩୫ ମସିହା ସୁଦ୍ଧା ମହାକାଶରେ ଭାରତ ନିଜସ୍ୱ ଷ୍ଟେସନ୍ ସ୍ଥାପନ କରିବ ବୋଲି ସେ କହିଛନ୍ତି । ଶ୍ରୀ ମୋଦି କହିଛନ୍ତି, ଚଳିତ ଦଶନ୍ଧିର ଶେଷ ଆଡ଼କୁ ୫ ଶହ ଗିଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ଭାରତର ଲକ୍ଷ୍ୟ ରହିଛି ।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଦିନଠାରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ କାର୍ଯ୍ୟକ୍ରମ ଯୁବକମାନଙ୍କୁ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ପାଇଁ ବିଭିନ୍ନ ନୂତନ ଯୋଜନା ଉପସ୍ଥାପନ କରିବାର ମଞ୍ଚ ପ୍ରଦାନ କରିଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଦେଶର ୩ହଜାର ଯୁବ ନେତୃବୃନ୍ଦଙ୍କ ସହ ମତ ବିନିମୟ କରିଛନ୍ତି । ଆଲୋଚନାରେ ୧୦ଟି ପ୍ରମୁଖ ବିଷୟବସ୍ତୁ ଉପରେ ଯୁବ ନେତୃବୃନ୍ଦଙ୍କ ଦ୍ୱାରା ଲିଖିତ ଶ୍ରେଷ୍ଠ ପ୍ରବନ୍ଧଗୁଡ଼ିକର ସଂକଳ୍ପକୁ ଶ୍ରୀ ମୋଦୀ ଉନ୍ମୋଚନ କରିଛନ୍ତି । ପ୍ରବନ୍ଧଗୁଡ଼ିକ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା, ମହିଳା ସଶକ୍ତୀକରଣ, କୃଷି ଓ କୃଷିଭିତ୍ତିକ ଉତ୍ପାଦନ ବୃଦ୍ଧି ସମ୍ବନ୍ଧୀୟ ବିଷୟ ରହିଛି ।

## ୟଙ୍ଗ ଲିଡର୍ସ ଡେ

ଜାତୀୟ ଯୁବ ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ପ୍ରତିବର୍ଷ ଜାନୁଆରୀ ୧୨ ତାରିଖ ଦିନ ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ, ଦାର୍ଶନିକ ଓ ଚିନ୍ତାନାୟକ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଏ । ତାଙ୍କ ପ୍ରେରଣାଦାୟୀ ଜୀବନ ଏବଂ ଯୁବକମାନଙ୍କ ପାଇଁ ତାଙ୍କର ବାର୍ତ୍ତା ଯୁବପିଢ଼ୀଙ୍କୁ ସେମାନଙ୍କର ସ୍ୱପ୍ନକୁ ହାସଲ କରିବା ସହିତ ଆଦର୍ଶ ଭବିଷ୍ୟତ ଗଠନ କରିବାକୁ ଆହ୍ୱାନ କରେ । ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

କହିଛନ୍ତି, ସ୍ୱାମୀ ବିବେକାନନ୍ଦ ଦେଶର ମହାନ ଆଧ୍ୟାତ୍ମିକ ବାର୍ତ୍ତାକୁ ପାଶ୍ଚାତ୍ୟ ଜଗତରେ ପହଞ୍ଚାଇଥିଲେ । ସେ ଭାରତବାସୀଙ୍କ ମଧ୍ୟରେ ଏକ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ପରମ୍ପରାକୁ ଜାରି ରଖିବା ପାଇଁ ରାଷ୍ଟ୍ରପତି ଯୁବପିଢ଼ୀକୁ ଆହ୍ୱାନ ଦେଇଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିଚାରଣ କରି କହିଛନ୍ତି ତାଙ୍କ ଆଧ୍ୟାତ୍ମିକ ପ୍ରଜ୍ଞା ଆମକୁ ବାଟ ଦେଖାଇ ଆସୁଛି । ୧୮୯୩ ମସିହାରେ ଚିକାଗୋ ଧର୍ମ ସଭାରେ ସ୍ୱାମୀଜୀ ଦେଇଥିବା ଐତିହାସିକ ଭାଷଣର ଉପରାଷ୍ଟ୍ରପତି ସ୍ମୃତିଚାରଣ କରିଛନ୍ତି ।

## ମହାକୁମ୍ଭ ମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆସନ୍ତାକାଲି ପୌଷପୂର୍ଣ୍ଣିମା ଅବସରରେ ଅମୃତ ସ୍ନାନ ସହିତ ମହାକୁମ୍ଭମେଳା ଆରମ୍ଭ ହେବ । ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମହାକୁମ୍ଭ ପାଇଁ ପ୍ରୟାଗରାଜଠାରେ ଶ୍ରଦ୍ଧାଳୁଙ୍କୁ ଶୁଦ୍ଧ ବାୟୁ ଏବଂ ସୁସ୍ଥ ବାତାବରଣ ପ୍ରଦାନ ଲକ୍ଷ୍ୟରେ ବିଭିନ୍ନ ସ୍ଥାନରେ ଜଙ୍ଗଲ ପରିବେଶ ସୃଷ୍ଟି କରାଯାଇଛି । ମହାକୁମ୍ଭରେ ଯୋଗ ଦେବା ପାଇଁ ଦେଶ ବିଦେଶରୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରୟାଗରାଜରେ ପହଞ୍ଚିବାରେ ଲାଗିଛନ୍ତି । ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଦେଶର ସମୃଦ୍ଧ ସଂସ୍କୃତିକୁ ପ୍ରଦର୍ଶନ କରିବା ପାଇଁ ପ୍ରୟାଗରାଜରେ କଳାଗ୍ରାମ ସ୍ଥାପନ କରାଯାଇଛି । କେନ୍ଦ୍ର

ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଆଜି ପ୍ରୟାଗରାଜରେ କଳାଗ୍ରାମକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଦେଶକୁ କୁମ୍ଭମେଳା ଏକତା ସୂତ୍ରରେ ବାନ୍ଧି ରଖିଛି । କୁମ୍ଭମେଳାର ଇତିହାସ ପୌରାଣିକ ଯୁଗରୁ ଆରମ୍ଭ । କୁମ୍ଭମେଳାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶ୍ରୀ ଶେଖାୱତ ସୂଚନା ଦେଇଛନ୍ତି । କଳା, ଆଧ୍ୟାତ୍ମିକତା ଏବଂ ସଂସ୍କୃତିକ ସଙ୍ଗମ ହେଉଛି ମହାକୁମ୍ଭ ବୋଲି ମନ୍ତ୍ରୀ କହିଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ପ୍ରୟାଗରାଜର ନାଗବାସୁକୀର ୧୦ଏକର ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା କଳାଗ୍ରାମରେ ଦେଶର ବିଭିନ୍ନ ଅଞ୍ଚଳର ଖାଦ୍ୟ ଓ ହସ୍ତକଳା ପ୍ରଦର୍ଶନ କରାଯାଉଛି । ଆସନ୍ତା ୪୫ ଦିନ ମଧ୍ୟରେ କଳାଗ୍ରାମରେ ୧୪ହଜାରରୁ ଅଧିକ କଳାକାର ସେମାନଙ୍କର କଳାକୌଶଳ ପ୍ରଦର୍ଶନ କରିବେ । କଳାଗ୍ରାମରେ ଶ୍ରଦ୍ଧାଳୁମାନେ ଭାରତର ବିଭିନ୍ନ ଅଞ୍ଚଳର ସୁସ୍ୱାଦୁ ସାତ୍ତ୍ୱିକ ଖାଦ୍ୟ ଭୋଜନ କରିବା ସହ ପୁସ୍ତକ ଓ ଅନ୍ୟାନ୍ୟ ଫଟୋଚିତ୍ର କ୍ରୟ କରିପାରିବେ ।

ମହାକୁମ୍ଭମେଳା ବିଶ୍ୱର ସର୍ବବୃହତ୍ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସମ୍ମିଳନୀ ହେବାକୁ ଯାଉଛି । ସେଠାରେ ପ୍ରାୟ ୪୫ କୋଟି ଶ୍ରଦ୍ଧାଳୁ ଅଂଶଗ୍ରହଣ କରିବେ । ମହାକୁମ୍ଭ ନଗର ମନ୍ଦିର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୭ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭୂତଳ ଜଳ ଡ୍ରୋନ୍ ଏବଂ ଏ.ଆଇ. କ୍ୟାମେରା ଆଦି ଉନ୍ନତ ପ୍ରଯୁକ୍ତିବିଦ୍ୟା କୌଶଳ ପୁଲିସ୍ ପକ୍ଷରୁ ବ୍ୟବସ୍ଥା

କରାଯାଇଛି । ସେହିପରି ଭାରତୀୟ ରେଳବାଇ ପକ୍ଷରୁ ୩ ହଜାର ୩୦୦ ସ୍ୱତନ୍ତ୍ର ଟ୍ରେନ୍ ସମେତ ୧୦ ହଜାରରୁ ଊର୍ଦ୍ଧ୍ୱ ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରାଯାଇଛି । ସରକାରଙ୍କ ପକ୍ଷରୁ ପ୍ରାୟାଗରାଜଠାରେ ଭିତ୍ତିଭୂମି ସ୍ଥାପନ, ସୁରକ୍ଷା, ପରିମଳ, ସ୍ୱାସ୍ଥ୍ୟ, ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

## ପି.ଏମ୍. - ସୋନମାର୍ଗ ଟନେଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କାଶ୍ମୀରଠାରେ ଆସନ୍ତାକାଲି ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ସୁଡ଼ଙ୍ଗ ଶ୍ରୀନଗର ଓ ସୋନମାର୍ଗ ଦେଇ ଲେହକୁ ସବୁଦିନିଆ ସଂଯୋଗ ସ୍ଥାପନ କରିବ । ଗସ୍ତକାଳରେ ପ୍ରଧାନମନ୍ତ୍ରୀ ସୁଡ଼ଙ୍ଗ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଭେଟିବେ । ୧୨ କିଲୋମିଟର ଦୀର୍ଘତା ବିଶିଷ୍ଟ ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପ ୨ ହଜାର ୭ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ଏହି ସୁଡ଼ଙ୍ଗ ଭୂସ୍ଖଳନ ଏବଂ ବରଫ ଅତଡ଼ା ଖସୁଥିବା ବିପର୍ଯ୍ୟରୁ ଯାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରି ଲଦାଖ ଅଞ୍ଚଳକୁ ଯାତାୟତ ସୁଗମ କରିବ । ସୋନମାର୍ଗକୁ ଏହା ସବୁଦିନିଆ ରାସ୍ତା ହୋଇଥିବାରୁ ଶୀତଦିନିଆ ପର୍ଯ୍ୟଟନର ବିକାଶ ସହ ଦୁଃସାହସିକ କ୍ରୀଡ଼ା ଏବଂ ସ୍ଥାନୀୟ ଜନସାଧାରଣଙ୍କ ରୋଜଗାର ବୃଦ୍ଧିରେ ସହାୟକ ହେବ । ବିଶେଷକରି

ଶ୍ରୀନଗର ଉପତ୍ୟକା ସହ ଲଦାଖ ଅଞ୍ଚଳର ଯୋଗାଯୋଗ ସହଜ ହୋଇପାରିବ । ଏହାଫଳରେ ଜମ୍ମୁ ଓ କାଶ୍ମୀର ମଧ୍ୟରେ ସେନାବାହିନୀର ଯାତାୟତ, ଅର୍ଥନୈତିକ ବିକାଶ ଏବଂ ସାମାଜିକ-ସାଂସ୍କୃତିକ ଏକତା ବୃଦ୍ଧି ପାଇବ ।

## ଉତ୍ତରାଖଣ୍ଡ - ବସ୍ ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡର ପୌଡ଼ି ଗଡ଼୍ୱାଲ୍ ଜିଲ୍ଲା ଅନ୍ତର୍ଗତ ସିରାଉଳି ନିକଟରେ ଏକ ବସ୍ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୮ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ବସ୍‌ରେ ୨୫ ଜଣ ଯାତ୍ରୀ ଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ୱିମେନ୍ କ୍ରିକେଟ୍

ଭାରତ-ଆୟାର୍ଲାଣ୍ଡ ମହିଳା ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍‌ର ଆଜି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୧୧୬ ରନ୍‌ରେ ବିଜୟୀ

ହୋଇଛି । ଆଜି ଗୁଜରାଟର ରାଜକୋଟସ୍ଥିତ ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୩୭୦ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଆୟାର୍ଲାଣ୍ଡ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୫୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ଜେମିମାଥ ରୋଡିଗ୍ ସର୍ବାଧିକ ୯୧ ବଲ୍‌ରେ ୧୦୨ ରନ୍ ସଂଗ୍ରହ କରିଥିଲେ । ସେହିପରି ଦୀପ୍ତି ଶର୍ମା ଆୟାର୍ଲାଣ୍ଡ ବିପକ୍ଷରେ ୩ଟି ୱିକେଟ୍ ଆକ୍ତିଆର କରିଥିଲେ । ଆୟାର୍ଲାଣ୍ଡ ପକ୍ଷରୁ କଲ୍‌ଟର ରେଲି ସର୍ବାଧିକ ୧୧୩ ବଲ୍‌ରେ ୮୦ ରନ ସଂଗ୍ରହ କରିଥିଲେ ।

ତିନିଟିକିଆ ସିରିଜ୍‌ର ଦୁଇଟି ମ୍ୟାଚ୍‌କୁ ଜିତି ଭାରତ ୨-୦ରେ ଆଗୁଆ ରହିଛି । ଆସନ୍ତା ୧୫ ତାରିଖରେ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ ।

*****